## ମୃତ୍ୟୁ ପରେ ମିଳୁଛି ବାର୍ଦ୍ଧକ୍ୟ ଭତ୍ତା

ଗୁଣପୁର,(ଡି.ଏନ୍.ଏ.): ମୃତ୍ୟୁ ପରେ ମଧ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ରାୟଗଡ଼ା ଜିଲା ଗୁଣପୁରର ମଧୁସୂଦନ ସୁନାମୁଦିଙ୍କ ୨୦୧୮ ଫେବୃୟାରୀରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ସେ ୫ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। ମୃତ୍ୟୁ ପରେ ମୃତ୍ୟୁ ପ୍ରମାଣପତ୍ର ଦିଆଯାଇଥିଲା। ହେଲେ ମଧୁସୂଦନଙ୍କ ନାମରେ ଏବେବି ବାର୍ଦ୍ଧକ୍ୟ ଭତ୍ତା ଉଠାଯାଉଥିବା ଚଳିତମାସ ୨୨ରେ ମଧୁସୂଦନଙ୍କ ପୁଅ ଶ୍ରୀନିବାସ ଜାଣିବାକୁ ପାଇଥିଲେ। ମାଉସୀ ପୁଅ ଭାଇ ବାପାଙ୍କ ନାମରେ ଭତ୍ତା ନେଉଥିବା ଜାଣି ଶ୍ରୀନିବାସ ବୁଧବାର ଗୁଣପୁର ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ଚିପାକୁରକୁ ବସ୍ ସେବା

ବୈପାରୀଗୁଡା,୨୭।୧ (ଡି.ଏନ୍.ଏ.): ବୈପାରିଗଡ଼ା ବ୍ଲକର ଦୁର୍ଗମ ଅଞ୍ଚଳ ରୂପେ ପରିଚିତ ଚିପାକୁର ପଞ୍ଚାୟତ ସଦର ମହକୁମାକୁ ବସ୍ ସେବା ଆରମ୍ଭ ହୋଇଛି। ମଙ୍ଗଳବାର ସରପଞ୍ଚ ଭଗବତୀ ଖିଲ ଶୁଭାରମ୍ଭ କରିଥିଲେ। ଏମ୍‌ଡିଏମ୍‌ଏସ୍ ନାମକ ଏକ ଘରୋଇ ବସ୍ ପ୍ରତିଦିନ ୨ ଥର ଜୟପୁରଠାରୁ ଚିପାକୁର ଚଳାଚଳ କରିବ ବୋଲି ଜଣାପଡିଛି।

### ମୃତଦେହ ଉଦ୍ଧାର

ବୈପାରିଗୁଡ଼ା,୨୭।୧ (ଡି.ଏନ୍.ଏ.): ନିଖୋଜର ୨ ଦିନ ପରେ ଜଣେ ବୃଦ୍ଧଙ୍କ ମୃତଦେହ ବୁଧବାର ସକାଳେ ଉଦ୍ଧାର ହୋଇଛି। ବୈପାରିଗୁଡ଼ା ବ୍ଲକର ରାମଗିରି ଫାଣ୍ଡି ଅନ୍ତର୍ଗତ ମାଝିଗୁଡ଼ା ଗ୍ରାମର ମୁରଲୀ ମାଝି (୬୫) ଗତ ୨୫ତାରିଖରେ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ ନିକଟସ୍ଥ ନଦୀରୁ ଠାବ ହୋଇଛି। ଏ ନେଇ ରାମଗିରି ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଯୁବକଙ୍କ ବିରୋଧରେ ଅଭିଯୋଗ

ଝରିଗାଁ,୨୭।୧(ସ୍ୱ.ପ୍ର.): ଝରିଗାଁ ବ୍ଲକ ଚଚା ପଞ୍ଚାୟତ ସଦର ମହକୁମାସ୍ଥିତ କୃଷି ବିଭାଗ କ୍ୱାର୍ଟର୍ସକୁ ଉକ୍ତ ଗ୍ରାମର ଜଣେ ଯୁବକ ଭାଙ୍ଗି ନିଜ ଆୟତରେ ରଖିଥିବା ନେଇ ଝରିଗାଁସ୍ଥିତ ସହକାରୀ କୃଷି ଅଧିକାରୀଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ସହକାରୀ କୃଷି ଅଧିକାରୀ ସୁନିତା ସିଂ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏନେଇ ତହସିଲଦାରଙ୍କୁ ଜଣାଯାଇଥିବା ସେ କହିଛନ୍ତି।

### ଅଳିଆ ସଫାକଲେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ

ଉମରକୋଟ, ୨୭।୧(ସ୍ୱ.ପ୍ର.) : ଉମରକୋଟ ବ୍ଲକ ପୂଜାରିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ଗଣତନ୍ତ୍ର ଦିବସ ଉପଲକ୍ଷେ ଭାସ୍କେଲ ଡ୍ୟାମ୍ ନିକଟ ବଣଭୋଜି ପରିସର ସଫେଇ କରିଛନ୍ତି। ଅନୁଷ୍ଠାନର ପ୍ରାୟ ୪୦ ଜଣ କର୍ମଚାରୀ ସେଠାରେ ପଡିଥିବା ଆବର୍ଜନା ସଫାକରି ଡଷ୍ଟବିନ୍ ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରିଥିଲେ। ଡ୍ୟାମ୍ ନିକଟ ଉଠାଦୋକାନୀଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ଅଭୟ କୁମାର ଦେ, ତରୁଣ ପଟ୍ଟନାୟକ, ଅନୁରାଗ ମଲ୍ଲିକ, ହିମାଂଶୁ ମିଶ୍ର, ହୀରାଲାଲ ସାହୁ, ଚକ୍ରପାଣି ମହାରଣା, ଜଗନ୍ନାଥ ମିଶ୍ର, ରମେଶ ପାଢ଼ୀ, ଅଜିତ ପଟ୍ଟନାୟକ, ସୁଶାନ୍ତ ବିଷୋୟୀ, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ଉପ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଜୟପୁର, ୨୭।୧ (ନି.ପ୍ର.) : କୋରାପୁଟ ଜିଲା ବି. ସିଂପୁର ଥାନା ଅନ୍ତର୍ଗତ ନୁଆଗୁଡା ଗ୍ରାମବାସୀ ବୁଧବାର ଜୟପୁର ଉପଜିଲାପାଳଙ୍କୁ ଭେଟି ମଦଭାଟି ଓ ଜୁଆ ଆଡ୍ଡା ବନ୍ଦ କରିବାକୁ ଦାବି କରିଛନ୍ତି। ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଆଇନଜୀବୀ ମଦନ ମହୋନ ନାୟକ ନେତୃତ୍ୱ ନେଇଥିଲେ। ନୁଆଗୁଡା ଗ୍ରାମରେ ୨ ଜଣ ବ୍ୟକ୍ତି ମଦଭାଟି, ଜୁଆ ଆଡ୍ଡା ଏବଂ କୁକୁଡା ଗାଲି ଚାଲୁ ରଖିଛନ୍ତି। ଫଳରେ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଛି। ଗ୍ରାମରେ ସବୁ ବେଳେ ମାରପିଟ ଏବଂ ଗୋଷ୍ଠୀକନ୍ଦଳ ଲାଗି ରହୁଛି। କେହି ଏହାର ପ୍ରତିବାଦ କଲେ ସମ୍ପୃକ୍ତ ୨ ବ୍ୟକ୍ତି ଆକ୍ରମଣ କରୁଛନ୍ତି। ପ୍ରଶାସନ ତୁରନ୍ତ ମଦଭାଟି, ଜୁଆଆଡ୍ଡା, ଏବଂ କୁକୁଡା ଗାଲି ବନ୍ଦ କରିବାକୁ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

### ଲେଡିଜ୍ କ୍ଲବ ପକ୍ଷରୁ ପଥପ୍ରାନ୍ତ ନାଟକ

ଦାମନଯୋଡ଼ି,୨୭।୧(ଡି.ଏନ.ଏ.): ନାଲ୍‌କୋ ଲେଡିଜ୍ କ୍ଲବ ପକ୍ଷରୁ କୋଭିଡ୍-୧୯ ସମ୍ପର୍କିତ ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ସେକ୍ଟର-୨ସ୍ଥିତ ମାର୍କେଟ ବିଲ୍‌ଡିଂଠାରେ ଅନୁଷ୍ଠିତ ହୋଇଯାଇଛି। ମାସ୍କ ପରିଧାନ କରିବା, ହାତ ଧୋଇବା, ସାମାଜିକ ଦୂରତା ରକ୍ଷାକରିବା, ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆଦି ବାର୍ତ୍ତା ନେଇ ଏହି ନାଟକ ପରିବେଷଣ ହୋଇଥିଲା। ନାଲ୍‌କୋ ଇଡି ରବିଶଙ୍କର ଦାସ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଲେଡିଜ୍ କ୍ଲବର ସଭାପତି ସୁଜାତା ପଟ୍ଟନାୟକ ନେତୃତ୍ୱରେ କବିତା ସାହୁ, ହିମାରିକା ନାୟକ, ସୋନିଆ ପାଢ଼ୀ, ଗୀତାଞ୍ଜଳି ବେହେରା, ପୁଷ୍ପା ପଣ୍ଡା ସାମିଲ ଥିଲେ। ନାଟକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ମମତାରାଣୀ ଦାଶ।

# ଉଡ଼ିଲା ତ୍ରିରଙ୍ଗା, ମନେ ପଡ଼ିଲା ସଂଗ୍ରାମୀଙ୍କ ବଳିଦାନ

ନବରଙ୍ଗପୁର,୨୭।୧(ବି.ପ୍ର.)



ମନ୍ତ୍ରୀ ଅଭିଭାଷଣ ଦେଉଛନ୍ତି।

ନବରଙ୍ଗପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ପାଳନ କରାଯାଇଛି। ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ପାଇବାକୁ ସଂଗ୍ରାମୀ ଅନେକ ବଳିଦାନ ଦେଇଛନ୍ତି। ସେମାନଙ୍କ ତ୍ୟାଗ, ବଳିଦାନ ଓ ଅବଦାନକୁ ଆମେ ଶ୍ରଦ୍ଧା ଓ ଭକ୍ତିର ସହ ସ୍ମରଣ କରୁଛୁ ବୋଲି ମନ୍ତ୍ରୀ ଅଭିଭାଷଣରେ କହିଥିଲେ। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ନବରଙ୍ଗପୁର ମାଟିର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ସଦାଶିବ ତ୍ରିପାଠୀ, ଲକ୍ଷ୍ମୀଚନ୍ଦ୍ର ଦାଶ, ସୋନୁ ମାଝି, ବଗା ପୂଜାରୀ, ମାଧବ ସେଠିଆ, ରବି ସିଂ ମାଝି, ଜଗନ୍ନାଥ ତ୍ରିପାଠୀ, ମହମ୍ମଦ ବାଜୀ ପ୍ରମୁଖଙ୍କୁ ମନ୍ତ୍ରୀ ମଞ୍ଚରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖି ବିକାଶ ପଥରେ ଅଗ୍ରସର ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶାରେ ମାନବ ସମ୍ବଳର ବିକାଶକୁ ଅଗ୍ରାଧିକାର ଦିଆଯାଇଛି। ସରକାର ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇଛନ୍ତି। ରାଜ୍ୟରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ହସ୍ତତନ୍ତ ଓ ବୁଣାକାରମାନଙ୍କ ପାଇଁ ଅନ୍‌ଲାଇନ ପୋର୍ଟାଲ ପ୍ଲାଟଫର୍ମ ଇ-କମର୍ସ ଜରିଆରେ ରୋଜଗାର ସୁବିଧା କରାଯାଇଛି। ୭ ଲକ୍ଷ ୫୪ ହଜାରରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ ୧୮ ହଜାର କେନ୍ଦୁପତ୍ର ଶ୍ରମିକଙ୍କୁ ଆର୍ଥିକ ସୁବିଧା ସହ ବୋନସ ଦେବାର ସୁବିଧା କରାଯାଇଛି। ଗୃହ ଓ ଭୂମିହୀନଙ୍କ ପାଇଁ 'ଜାଗା ମିଶନ' ଓଡ଼ିଶା ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି। ଅପପୁଷ୍ଟି ରୋକିବା ଓ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଇନୋଭେସନରେ ଜିଲାକୁ ସ୍କଚ ଆୱାର୍ଡ ମିଳିଛି। ଯାହା ନିଶ୍ଚୟ ଗର୍ବର ବିଷୟ ବୋଲି ମନ୍ତ୍ରୀ କହିଥିଲେ। ନବରଙ୍ଗପୁରକୁ ସବୁଜ ଜିଲା ଭାବେ ଗଢି ତୋଳିବା ଦିଗରେ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଲୋଡା ବୋଲି ସେ କହିଥିଲେ। ଏହି ଅବସରରେ ଶ୍ରେଷ୍ଠ ସଫେଇ କର୍ମଚରୀ ଅମ୍ବିକା ହରିଜନ, ମଦନ ହରିଜନ, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ମାମିନା ଦାସ, ସବିତା ହରିଜନ, ଅମ୍ବିକା ହରିଜନଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କୃଷି କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ପାଇଁ ଦହଣାଗାଁର ମହିଳା ଚାଷୀ ଏ. ସୀତା, ମଦେଗାଁର ଶଙ୍କର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ହରିପ୍ରିୟା ପାତ୍ରଙ୍କୁ ଶ୍ରେଷ୍ଠ କୃଷି କର୍ମଚାରୀଭାବେ ସମ୍ମାନିତ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଦାସ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ ଥିବା ୱାନ୍‌ଷ୍ଟପ ସେଣ୍ଟର ଉଦ୍‌ଘାଟନ କରିଥିଲେ। ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଛି। ପରେ ଉପକାରାଗାର ପରିଦର୍ଶନ କରି ସେଠାରେ ମଧ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ ଡ. ଅଜିତ କୁମାର ମିଶ୍ର, ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତହସିଲ କିରାଣି ନିଲମ୍ବିତ

## ଲାଞ୍ଚ କାରବାର ନେଇ ଭିଡିଓ ଭାଇରାଲ

କାଳିମେଳା,୨୭।୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ତହସିଲ ଜମି ଦୁର୍ନୀତିରେ ଜିଲାପାଳ ତହସିଲର ୨ କର୍ମଚାରୀଙ୍କୁ ନିଲମ୍ବନ ହେବାର ୨ ଦିନ ନ ପୂରୁଣୁ ପୁଣି ତହସିଲ ଅଫିସ ନାଁରେ ପୁଣି ଏକ ଦୁର୍ନୀତିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ ଜଣେ ବରିଷ୍ଠ କିରାଣି ସମ୍ପୃକ୍ତ ଥିବା ଜଣାପଡିଛି। କିରାଣି ଜଣକ ବେଜାଙ୍ଗିବାଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ଅନ୍‌ଲାଇନରେ ପଟ୍ଟା ଚଢ଼ାଇବା ପାଇଁ ୬ଜଣଙ୍କଠାରୁ ଅର୍ଥ ଆଦାୟ କରିବା ସମ୍ପର୍କରେ ବାର୍ତ୍ତାଳାପ କରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଏଥିସହ ଅଗ୍ରିମ ୫୦ ହଜାର ଟଙ୍କା ନେବା ସହ ବକେୟା ଅର୍ଥ ୨ଟି କିସ୍ତିରେ ଦେବାକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ପ୍ରତିଶ୍ରୁତି ଦେଉଥିବା ଏବଂ ୭ ଦିନ ମଧ୍ୟରେ ଆଉ ୫୦ ହଜାର ଟଙ୍କା ଦେଲେ କାର୍ଯ୍ୟାଳୟ ପାଇଁ ବିଭିନ୍ନ ସାମଗ୍ରୀ ଆଣିବାକୁ ଅର୍ଡର ଦେବି ବୋଲି କିରାଣି ଜଣକ କହୁଥିବା ଭାଇରାଲ ଭିଡିଓରୁ ସ୍ପଷ୍ଟ ହୋଇଛି। ଜମିପଟ୍ଟା ଅନିୟମିତତା ପାଇଁ ତହସିଲ କାର୍ଯ୍ୟାଳୟ ଚର୍ଚ୍ଚାରେ ଥିବା ବେଳେ ଏବେ ତହସିଲ କିରାଣିଙ୍କ ଟଙ୍କା କାରବାର ନେଇ ଚର୍ଚ୍ଚା ହେବା ତାଙ୍କ ଭୂମିକାକୁ ସନ୍ଦେହ ପରିସରକୁ ଆଣିଛି। ଏହି ଖବର ଜାଣିବା ପରେ ଜିଲାପାଳ ସମ୍ପୃକ୍ତ କିରାଣି ଶଶୀ ଶେଖର ସେଠୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତେବେ ଏ ସମ୍ପର୍କରେ କିରାଣି ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଭିଡିଓ ଭାଇରାଲ ଘଟଣା ସମ୍ପର୍କରେ ମତେ କିଛି ଜଣାନାହିଁ। ମୁଁ କୌଣସି ଟଙ୍କା ଲାଞ୍ଚ ନେଇ ନାହିଁ। ମୋର ଗୋଟିଏ ଜମି ବିକ୍ରି ପାଇଁ ଜଣଙ୍କଠାରୁ ଟଙ୍କା ନେଉଥିଲି ବୋଲି ସେ କହିଛନ୍ତି।

# ଜମି ପଟ୍ଟା ଦାବିରେ ପୌର ପରିଷଦ ଘେରାଉ





ନବରଙ୍ଗପୁର ବସ୍ତି ବାସିନ୍ଦା ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ନବରଙ୍ଗପୁର,୨୭।୧(ବି.ପ୍ର.)

ନବରଙ୍ଗପୁର ବସ୍ତି ବାସିନ୍ଦା ମହାସଂଘ ବିଭିନ୍ନ ଦାବିରେ ପୌରପାଳିକା କାର୍ଯ୍ୟାଳୟ ଘେରାଉ କରିଛି। ଏଥିସହ ସଂଘ ପକ୍ଷରୁ ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୩୦ଦିନ ମଧ୍ୟରେ ସେମାନଙ୍କ ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ବୁଧବାର ବସ୍ତି ବାସିନ୍ଦା ମହାସଂଘ ସଭାପତି ନନ୍ଦ ହରିଜନ ଓ ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝିଙ୍କ ନେତୃତ୍ୱରେ ସ୍ଥାନୀୟ ଆମ୍ବେଡ଼କର ଛକରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ସହରର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ସେମାନେ ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ନିକଟରେ ପହଞ୍ଚି ସରକାର ଓ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ନବରଙ୍ଗପୁର ପୌରପାଳିକା ଅଧୀନ ୧୧ଟି ସାହିରେ ଲୋକେ ଶହେ ବର୍ଷ ହେବ ବସବାସ କରି ଆସୁଥିଲେ ମଧ ସରକାର ଓ ପୌରପାଳିକା ଅବହେଳା ଯୋଗୁ ସେମାନେ ଜମିପଟ୍ଟା ପାଇନାହାନ୍ତି। ତେଣୁ, ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବାସଗୃହ ସେମାନଙ୍କୁ ମିଳୁନାହିଁ। ଯାହାଫଳରେ ସେମାନେ ବହୁତ ଅସୁବିଧା ଭୋଗୁଥିବା କହିଛନ୍ତି। ତେଣୁ, ପ୍ରଶାସନ ଆଗାମୀ ୩୦ଦିନ ମଧ୍ୟରେ ସେମାନଙ୍କ ସମସ୍ୟା ସମାଧାନ ନ କଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଦୁଇ ଜିଲାରେ ସାଧାରଣତନ୍ତ୍ର ଦିବସ







କୋରାପୁଟ ଓ ମାଲକାନଗିରି ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରି/କୋରାପୁଟ/ ଜୟପୁର ୨୭।୧(ଡି.ଏନ.ଏ./ସ୍ୱ.ପ୍ର./ନିପ୍ର.)

ମାଲକାନଗିରି ଡିଏନ୍‌କେ ଖେଳ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ରୂପେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। କରୋନା ସମୟରେ ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଯୋଦ୍ଧାଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। ଜିଲାପାଳ ୱାଇ. ବିଜୟ, ଏସ୍‌ପି ହ୍ରିଷିକେଶ ଡି ଖିଲାରି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ଜିଲାର ଚିତ୍ରକୋଣ୍ଡା,ସ୍ୱାଭିମାନ ଅଞ୍ଚଳ, କୁଡୁମୁଲୁଗୁମ୍ମା, କାଳିମେଳା ସହ ଅନ୍ୟାନ୍ୟ ସ୍ଥାନରେ ସାଧାରଣତନ୍ତ ଦିବସ ପାଳିତ ହୋଇଛି। କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଉଡିଛି। ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସାଧାରଣତନ୍ତ୍ର ଦିବସ ପାଳିଛନ୍ତି। ଜିଲା ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁ ପାଠାଗାର ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ପତାକା ଉତ୍ତୋଳନ କରିଥିଲେ। ବିଧାୟକ ରଘୁରାମ ପଡାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ସୁନାବେଡାସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ଉପକୁଳପତି ପ୍ରଫେସର କ୍ଷିତି ଭୂଷଣ ଦାସ ପତାକା ଉତ୍ତୋଳନ କରିଥିଲେ। ଜିଲା କଂଗ୍ରେସ ଭବନରେ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ପତାକା ଉତ୍ତୋଳନ କରିଥିଲେ ।

# ଜଳିଗଲା ଚଳନ୍ତା କାର

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୨୭।୧(ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୁର୍ଲୁଘାଟି ନିକଟରେ ମଙ୍ଗଳବାର ଏକ ଚଳନ୍ତା କାର୍ ଜଳିଯାଇଛି। ତେବେ ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲେ ମଧ ଏଥିରେ କେହି ମୃତାହତ ହୋଇନାହାନ୍ତି। ସୂଚନା ଅନୁଯାୟୀ, ନବରଙ୍ଗପୁର ଥାନା ଅଧୀନ ବିଜରାଗୁଡ଼ା ଗ୍ରାମର ଭୀମ ନାୟକ ସକାଳେ ନିଜ କାର୍ ନେଇ ନବରଙ୍ଗପୁରରେ ସର୍ଭିସିଂ କରାଇଥିଲେ। ଏହାପରେ ଡ୍ରାଇଭରଙ୍କୁ ଗାଡ଼ି ଦେଇ ସେ ପଛରେ ବାଇକ୍‌ରେ ବିଜରାଗୁଡ଼ା ଫେରୁଥିଲେ। ଏହି ସମୟରେ କୁର୍ଲୁଘାଟି ନିକଟରେ ହଠାତ୍ କାର୍ ଇଞ୍ଜିନ୍‌ରୁ ନିଆଁ ବାହାରୁଥିବା ଦେଖି ଭୀମ କାର୍‌କୁ ଅଟକାଇଥିଲେ। ବନେଟ୍ ଖୋଲି ଦେଖିବା ସମୟରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଏ ନେଇସେମାନେ ତେନ୍ତୁଲିଖୁଣ୍ଟି ଅଗ୍ନିଶମ ବିଭାଗକୁ ବାରମ୍ବାର ଫୋନ୍ କରିଥିଲେ ମଧ ଦମକଳ ବାହିନୀ ପହଞ୍ଚିବାରେ ବିଳମ୍ବ ହୋଇଥିଲା, ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ପରେ ନବରଙ୍ଗପୁର ଏବଂ ତେନ୍ତୁଲିଖୁଣ୍ଟି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବ୍ଲକ କଂଗ୍ରେସ ନୂତନ ସଭାପତି ଚୟନ

ଗୁଣପୁର/ବିଷମକଟକ, ୨୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ନଗର କଂଗ୍ରେସ ସଭାପତିଭାବେ ଶ୍ରୀକାନ୍ତ ବେହେରାଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଗୁଣପୁର ବ୍ଲକ୍ କଂଗ୍ରେସ ସଭାପତି ରୂପେ ବିଗ୍ରେଞ୍ଚି ଗମାଙ୍ଗଙ୍କୁ ନିଯୁକ୍ତ କରାଯାଇଛି। ବିଗ୍ରେଞ୍ଚି ଜଣେ ଦକ୍ଷ ସଙ୍ଗଠକ ଏବଂ ଏବେ ସେ ଚଳକମ୍ବା ପଞ୍ଚାୟତର ସରପଞ୍ଚ ଅଛନ୍ତି।

ସେହିପରି ବିଷମକଟକ ବ୍ଲକ୍ ସଭାପତି ରୂପେ ବିଜୟ କିଶୋର ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି। ଦଳ ମଧ୍ୟରେ ରହିଥିବା ମତଭେଦକୁ ଦୂର କରିବାକୁ ଚେଷ୍ଟା କରିବେ ବୋଲି ବିଜୟ କହିଛନ୍ତି।

# ପୁରୀ-ଗୁଣପୁର, ବିଶାଖାପାଟଣା-ଗୁଣପୁର ଟ୍ରେନ୍ ଚଳାଚଳ ଦାବି

ପଦ୍ମପୁର,୨୭।୧(ଡି.ଏନ୍.ଏ.)

କୋଭିଡ୍ କଟକଣା କୋହଳ ପରେ ଅନେକ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି। ହେଲେ ପୁରୀ-ଗୁଣପୁର ଏବଂ ବିଶାଖାପାଟଣା-ଗୁଣପୁର ଟ୍ରେନ୍ ଚଳାଚଳ ନେଇ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଶୀଘ୍ର ଏହି ଦୁଇ ଟ୍ରେନ୍ ଚଳାଚଳ ନେଇ ପଦକ୍ଷେପ ନେବାକୁ ପଦ୍ମପୁର ବ୍ଲକ୍ ଉନ୍ନୟନ ପରିଷଦ ଦାବି କରିଛି। ଏ ନେଇ ବ୍ଲକ୍ ଉନ୍ନୟନ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ସଭାପତି ରଘୁନାଥ ଚୌଧୁରୀ, ପରାମର୍ଶଦାତା ଜୟଶଙ୍କର ମିଶ୍ର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ରାଜୀବ ସାହୁ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟ ସରକାର ଓ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ, କରୋନା ପାଇଁ ଦୀର୍ଘ ୯ମାସ ହେଲା ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଏହି ଦୁଇ ଟ୍ରେନ୍ ଉପରେ ବିଶେଷକରି ଅଞ୍ଚଳର ରୋଗୀ ନିର୍ଭରଶୀଳ ଥିଲେ। ଉନ୍ନତ ସ୍ୱାସ୍ଥ୍ୟ ସେବା ନିମନ୍ତେ ରୋଗୀ ବ୍ରହ୍ମପୁର, ଭୁବନେଶ୍ୱର ଏବଂ ବିଶାଖାପାଟଣା ଯିବା ପାଇଁ ଏହା ଉପରେ ନିର୍ଭରଶୀଳ। ତେଣୁ ଗୁଣପୁର-ନୌପଡ଼ା ରେଳପଥରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବାକୁ ଦାବି ହେଉଛି।

# ଥାନାରେ ରହିଲେ ଭାଜପା ନେତା, କର୍ମୀ

## ମନ୍ତ୍ରୀ ଅରୁଣ ସାହୁଙ୍କ ଗସ୍ତକୁ ବିରୋଧ

ରାୟଗଡ଼ା ଅଫିସ,୨୭।୧

ମନ୍ତ୍ରୀ ଅରୁଣ ସାହୁଙ୍କ ରାୟଗଡ଼ା ଜିଲା ଗସ୍ତକୁ ନେଇ ସୋମବାର ଭାଜପା ପକ୍ଷରୁ ବିରୋଧ କରାଯିବା ସହ ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ସାଧାରଣତନ୍ତ୍ର ଦିବସରେ ତାଙ୍କୁ ମୁଖ୍ୟ ଅତିଥି କରାଯାଇଥିବାରୁ ଦଳ ପକ୍ଷରୁ ପରୀ ପ୍ରସଙ୍ଗ ଉଠାଇ ପ୍ରତିବାଦ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତାଙ୍କୁ ମୁଖ୍ୟ ଅତିଥି ନ କରିବାକୁ ଦଳ ଦାବି କରିଥିଲା। ତେଣୁ ଗଣତନ୍ତ୍ର ଦିବସରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ଯାଇ ରାୟଗଡ଼ା ଟାଉନ ଥାନା ପୋଲିସ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ, ନଗର ସଭାପତି ଶ୍ୟାମକୁମାର ଦାଶ, ପ୍ରମୁଖ କାର୍ଯ୍ୟକର୍ତ୍ତା ବିଦ୍ୟାଭୂଷଣ ପଣ୍ଡାଙ୍କ ସମେତ ଜିଲା ଓ ନଗର ଭାଜପା କର୍ମୀଙ୍କୁ ସୋମବାରଠାରୁ ଥାନାରେ ଅଟକ ରଖିଥିଲା। ମଙ୍ଗଳବାର ଅପରାହ୍ନରେ ପୋଲିସ ସେମାନଙ୍କୁ ଛାଡ଼ିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମନ୍ତ୍ରୀ ସାହୁ ସୋମବାର ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇଥିବାବେଳେ ମଙ୍ଗଳବାର ଗଣତନ୍ତ୍ର ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

# ସିଲେଇ ଶିକ୍ଷା ସମାରୀଙ୍କୁ କରିଛି ସ୍ୱାବଲମ୍ବୀ

ମାଲକାନଗିରି,୨୭।୧(ଡି.ଏନ୍.ଏ)

ଇଚ୍ଛାଶକ୍ତି ଓ ଦୃଢ ସଂକଳ୍ପ ଥିଲେ ସବୁ କଷ୍ଟସାଧ୍ୟ କାର୍ଯ୍ୟ ସହଜ ହୋଇଥାଏ। ସେହିପରି ଜଣେ ମହିଳା ସିଲେଇ ଶିକ୍ଷା ନେଇ ନିଜେ ସ୍ୱାବଲମ୍ବୀ ହେବାସହ ଅନ୍ୟମାନଙ୍କୁ ମଧ ସ୍ୱାବଲମ୍ବୀ କରାଉଛନ୍ତି। ସେ ହେଉଛନ୍ତି ମାଲାକନଗିରି ସଦର ବ୍ଲକ ମାର୍କାପାଲ୍ଲୀ ପଞ୍ଚାୟତ ପୋଡଭଟା ଗ୍ରାମର ସମାରୀ ମୁଦୁଲି। ବାପା ଲକିନାଥ ମୁଦୁଲି ଜଣେ ଚାଷୀ। ଦେଢ ଏକର ଜମି ଚାଷ କରି ସେ ପରିବାର ଚଳାନ୍ତି। ଏହି ପରିପ୍ରେକ୍ଷୀରେ ସମାରୀ ନିଜେ କିଛି କରିବା ପାଇଁ ଇଛା କରି ଡିଆରଡିଏ ସହ ଯୋଗାଯୋଗ କରି ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନି ଯୁକ୍ତି ଶିକ୍ଷଣ କେନ୍ଦ୍ରରେ ୨୦୧୬ରେ ସିଲେଇ ପ୍ରଶିକ୍ଷଣ ନେଇଥିଲେ । ପରେ ସେ ଏକ ସିଲେଇ ମେଶିନ କିଣି ନିଜ ଘରେ ଅର୍ଥ ଉପାର୍ଜନର ବାଟ ଖୋଲିଥିଲେ। ତାଙ୍କ ସହ ଆଉ କେତେଜଣଙ୍କୁ ଏକାଠି କରି ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ। ସମାରୀ ନିଜେ ସିଲେଇ କାମ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ମହିଳା ଙ୍କୁ ସିଲେଇ ଶିକ୍ଷା ଦେଉଥିଲେ। ବର୍ତ୍ତମାନ ସେ ମାସକୁ ପ୍ରାୟ ୧୫ରୁ୨୦ ହଜାର ଟଙ୍କା ସିଲେଇ କରି ରୋଜଗାର କରୁଛନ୍ତି। ଇତି ମଧ୍ୟରେ ସମାରୀ ଆଖପାଖ ଗ୍ରାମର ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସିଲେଇ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିଛନ୍ତି। ନିକଟରେ ଜିଲାକୁ ସୁବ୍ରତ ବାଗଚି ଗସ୍ତରେ ଆସିଥିଲେ। ସେତେବେ ସମାରୀଙ୍କ ସମ୍ପର୍କରେ ଜାଣି ସେ ଖୁସି ହୋଇଥିଲେ। ସମାରୀ ଅନ୍ୟ ଆଦିବାସୀ ମହିଳାଙ୍କୁ ମଧ ପ୍ରଶିକ୍ଷଣ ଦେବାକୁ ଚାହୁଁଛନ୍ତି। ମାତ୍ର ଅର୍ଥ ଅଭାବ ଯୋଗୁ ସେ ଏ କ୍ଷେତ୍ରରେ ଆଗେଇପାରୁ ନ ଥିବା ଜାଣି ବାଗଚି ତାଙ୍କୁ ୫୦ ହଜାର ଟଙ୍କାର ସହାୟତା ଦେବା ସହ ୫ ଟି ସିଲେଇ ମେଶିନ୍ ଡିଆରଡିଏ ପକ୍ଷରୁ ଯୋଗାଇଦେବାକୁ କହିଥିଲେ। ସାଧାରଣତନ୍ତ୍ର ଦିବସରେ ସମାରୀଙ୍କୁ ୫ଟି ସିଲେଇ ମେଶିନ ପ୍ରଦାନ କରାଯାଇଛି।

# ରାୟଗଡ଼ା ଜିଲାରେ ସବୁଠି ଉଡ଼ିଲା ତ୍ରିରଙ୍ଗା

ରାୟଗଡ଼ା ଅଫିସ/ଗୁଣପୁର, ୨୭।୧ (ଡି.ଏନ୍.ଏ.)



ରାୟଗଡ଼ା ଜିଲାସ୍ତରୀୟ ସମାରୋହରେ ମନ୍ତ୍ରୀ ଅରୁଣ ସାହୁ ଅଭିବାଦନ ଗ୍ରହଣ କରୁଛନ୍ତି।

ରାୟଗଡ଼ା ସଦରସ୍ଥିତ ଜିସିଡି ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ନିଜ ଅଭିଭାଷଣ ରଖି ଗଣତନ୍ତ୍ର ଦିବସ ସ୍ମୃତି, ସଂକଳ୍ପ ଓ ଆତ୍ମସମୀକ୍ଷାର ଦିବସ ବୋଲି ପ୍ରକାଶ କରିଥିଲେ। ଏଥିସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲାସ୍ତରୀୟ ସମାରୋହରେ ଜିଲାପାଳ ସରୋଜ କୁମାର ମିଶ୍ର, ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ସମେତ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ୫,ପୌର ପରିଷଦ କାର୍ଯ୍ୟାଳୟର ୫ ଏବଂ ପୋଲିସ ବିଭାଗର ୫ କର୍ମଚାରୀଙ୍କୁ କୋଭିଡ୍ ଯୋଦ୍ଧାଭାବେ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। କୋଭିଡ୍ କଟକଣା ଯୋଗୁ ଦର୍ଶକଙ୍କ ପ୍ରବେଶକୁ ବାରଣ କରାଯାଇଥିଲା।

ସେହିପରି ଗୁଣପୁର ମିନି ଷ୍ଟାଡିୟମଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ସୋନାଲ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଗମାଙ୍ଗ, ପଦ୍ମଶ୍ରୀ ସମ୍ମାନ ନିମନ୍ତେ ମନୋନୀତ ହୋଇଥିବା ଶାନ୍ତି ଦେବୀ, ଆଇଆର୍‌ବିଏନ୍ ଭାମିନୀର ଡେପୁଟି କମାଣ୍ଡାଣ୍ଟ ସରୋଜ କୁମାର ମହାପାତ୍ର, ଏସ୍‌ଡିପିଓ ରାଜକିଶୋର ଦାସ, ବିଡିଓ ଶାନ୍ତିପ୍ରଭା ପ୍ରଧାନ ଏବଂ ଏସ୍‌ଡିଆଇପିଆର୍‌ଓ ରଶ୍ମିରାଣୀ ନିମାକା ଉପସ୍ଥିତ ଥିଲେ। ସେହିପରି ଗୁଣପୁର କୋର୍ଟରେ ଏଡିଜେ ଅଜୟ କୁମାର ପ୍ରଧାନ, ଡମ୍ବସରା ଯୁକ୍ତ ୨ କଲେଜରେ ଅଧ୍ୟକ୍ଷ ବିଦ୍ୟାଧର ନାହାକ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆର୍‌ଏସ୍‌ଏସ୍‌ର ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

